# NATIONAL NEWS BULLETIN (ODIA)

**29 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସର୍ବାଧିକ ୩ ମାସ ମଧ୍ୟରେ ସଂରକ୍ଷିତ ରହିଥିବା ରାୟ ପ୍ରକାଶ ଲାଗି ସମସ୍ତ ଉଚ୍ଚନ୍ୟାୟାଳୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ଆଜି ହରାମିନାଲା ଏବଂ କଚ୍ଛ ସ୍ଥିତ ଆନ୍ତର୍ଜାତିକ ସୀମା ପରିଦର୍ଶନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ

- ପିଏମ୍ ସୂର୍ଯ୍ୟଘର ଯୋଜନାରେ ମାଇଲଖୁଣ୍ଟ ସ୍ଥାପନ କଲା ଭାରତ

– ଦେଶର ୪୦ ଲକ୍ଷ ପରିବାର ସ୍ୱଚ୍ଛଶକ୍ତି ଯାତ୍ରାରେ ସାମିଲ

- ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଗୁଜରାଟ ଟାଇଟନ୍ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ।

---

## ଏସ୍‌ସି–ଡାଇରେକ୍ଟସ ଏଚ୍‌ସି

ସୁପ୍ରିମକୋର୍ଟ ଆଜି ଦେଶର ସମସ୍ତ ଉଚ୍ଚନ୍ୟାୟାଳୟଗୁଡ଼ିକୁ କୌଣସି ମାମଲାରେ ସଂରକ୍ଷିତ ରଖିଥିବା ରାୟ ୩ ମାସ ମଧ୍ୟରେ ପ୍ରକାଶ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ସଂରକ୍ଷିତ ରାୟ

ପ୍ରକାଶ କ୍ଷେତ୍ରରେ ବିଳମ୍ବ ଯୋଗୁଁ ମାମଲା ଦାୟର କରିଥିବା ପକ୍ଷଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟକ୍ତିଗତ ସ୍ୱାଧୀନତା କ୍ଷେତ୍ରରେ ତ୍ୱରିତ ନିଷ୍ପତ୍ତିର ଗୁରୁତ୍ୱକୁ ବିଚାରକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, ଜାମିନ ପ୍ରଦାନ କ୍ଷେତ୍ରରେ ରାୟ ସଂରକ୍ଷିତ ରଖାଯାଇଥିବା ରାୟକୁ ସେହିଦିନ ପ୍ରକାଶ କରାଯାଇ ପରଦିନ ୱେବ୍‌ସାଇଟ୍‌ରେ ଅପଲୋଡ କରାଯିବ । ସୁପ୍ରିମକୋର୍ଟ କହିଛନ୍ତି, ଜାମିନ ପ୍ରଦାନ କିମ୍ବା ଦଣ୍ଡାଦେଶ ପରିବର୍ତ୍ତନ କ୍ଷେତ୍ରରେ ଜେଲ୍ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବା ଆବଶ୍ୟକ ।

## ଶାହା-ଭୁଜ୍ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ସମ୍ବେଦନଶୀଳ ହରାମିନାଲା ଏବଂ କଚ୍ଛସ୍ଥିତ ଆନ୍ତର୍ଜାତିକ ସୀମା ପରିଦର୍ଶନ କରିବେ । ଗସ୍ତ କାଳରେ ସୀମା ସୁରକ୍ଷା ବଳ-ବିଏସ୍‌ଏଫ୍ ଦ୍ୱାରା କରାଯାଇଥିବା ସୁରକ୍ଷା ବ୍ୟବସ୍ଥାର ଶ୍ରୀ ଶାହା ସମୀକ୍ଷା କରିବା ସହ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ସୀମାରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକ ସଂପର୍କରେ ଆଲୋଚନା କରିବେ । ଶ୍ରୀ ଶାହା ସୀମା ଆଉଟ୍‌ପୋଷ୍ଟ ଜି-ସେଭେନ୍‌ର ଉଦ୍‌ଘାଟନ କରିବା ସହ ବିଏସଏଫ୍ ଅଧିକାରୀଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଶାହା ମଧ୍ୟ ଆଜି ଆଉଟ୍‌ପୋଷ୍ଟ ଟାୱାର ୧୧୭୦ ସ୍ଥିତ କଣ୍ଟ୍ରୋଲ୍ ରୁମ୍ ପରିଦର୍ଶନ କରିବେ ଏବଂ ହାରାମିନାଲା ଅଞ୍ଚଳରେ ବୋଟ୍ ଯୋଗେ ପରିଦର୍ଶନ କରିବେ । ଜେଟି ପଏଣ୍ଟରେ ଶ୍ରୀ ଶାହା ଚାରା ରୋପଣ କରିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ନରେ ଭୁଜ୍‌ଠାରେ ବିଏସ୍‌ଏଫ୍ ସେକ୍ଟର ମୁଖ୍ୟାଳୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ସୀମା ସଂପର୍କିତ

ଆହ୍ୱାନଗୁଡ଼ିକ ସଂପର୍କରେ ଆଲୋଚନା କରିବେ । ଗତ ୬ ମାସ ମଧ୍ୟରେ ଶ୍ରୀ ଶାହା ଦ୍ୱିତୀୟ ଥର ପାଇଁ କଚ୍ଛ ଗସ୍ତ କରିଛନ୍ତି । ଗତବର୍ଷ ନଭେମ୍ବର ମାସରେ ସେ ଭୁଜ୍ ଗସ୍ତ କରି ବିଏସ୍‌ଏଫ୍‌ର ଧ୍ୱଜାରୋହଣ ସମାରୋହରେ ଯୋଗ ଦେଇଥିଲେ ।

# ଗିରିରାଜ ସିଂ

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଦୃଢ଼ ଅର୍ଥନୀତିରେ ପରିଣତ ହୋଇଛି ଏବଂ ଦେଶର ବୟନଶିଳ୍ପ କ୍ଷେତ୍ରର ବିକାଶ ଘଟିବା ସହ ବିଭିନ୍ନ ନୀତି ଓ ସଂସ୍କାରମୂଳକ ପଦକ୍ଷେପ ଦୃଢ଼ ସମର୍ଥନ ଦେଇଛି । ଦୁଇଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତ କାଳରେ ମନ୍ତ୍ରୀ ଶ୍ରୀ ସିଂ କ୍ରିଷ୍ଣା ଜିଲ୍ଲାର ମୋହନ ସ୍ପିଣ୍ଟେକ୍ସ କମ୍ପାନୀ ପରିଦର୍ଶନ କରିଛନ୍ତି । ସେ କହିଛନ୍ତି, ଭାରତର ବୟନଶିଳ୍ପ ବଜାର ୧୫ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି ଏବଂ ସରକାର ଏହାକୁ ୨୦୩୦ ସୁଦ୍ଧା ୨୫ ଲକ୍ଷ କୋଟିରୁ ଅଧିକ କରିବା ଲାଗି ପଦକ୍ଷେପ ନେଉଛନ୍ତି । ଶ୍ରୀ ସିଂ କହିଛନ୍ତି, ଭାରତୀୟ ବୁଣାକାର ଏବଂ କାରିଗରମାନଙ୍କୁ ବିଶ୍ୱସ୍ତରୀୟ ମଞ୍ଚ ମିଳିପାରିଛି । କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ମିଳିତ ଭାବେ ବୟନ ଶିଳ୍ପ କ୍ଷେତ୍ରର ବିକାଶ ଲାଗି ଯୋଜନା କରୁଥିବା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

**V/O**

# ପିଏମ୍ ସୂର୍ଯ୍ୟଘର

ସ୍ୱଚ୍ଛ ଶକ୍ତି ଯାତ୍ରାରେ ଭାରତ ଐତିହାସିକ ମାଇଲ୍ ଖୁଣ୍ଟ ସ୍ଥାପନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଦେଶର ୪୦ ଲକ୍ଷ ପରିବାର ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା କରିଛନ୍ତି । ସେ କହିଛନ୍ତି, ଏହି ଯୋଜନାରେ ନାଗରିକମାନେ ଶକ୍ତି ଉପଭୋକ୍ତା ସହ ଶକ୍ତି ଉତ୍ପାଦକ ମଧ୍ୟ ହୋଇପାରିଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ପରିବାରଗୁଡ଼ିକର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ ପାଇଛି ଏବଂ ସରକାରଙ୍କଠାରୁ ରିହାତି ପାଇବା ପରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଅଧିକାଂଶ କ୍ଷେତ୍ରରେ ଶୂନ୍ୟସ୍ତରରେ ପହଞ୍ଚିଛି । ମନ୍ତ୍ରୀ କହିଛନ୍ତି, ସୂର୍ଯ୍ୟଶକ୍ତି ସଂପନ୍ନ ଘରଗୁଡ଼ିକ ଦେଶରେ ଶକ୍ତି ସୁରକ୍ଷା ପରିବେଶ ସନ୍ତୁଳନ ଏବଂ ବିକଶିତ ଭାରତ ଦିଗରେ ଆତ୍ମନିର୍ଭରଶୀଳତାର ପ୍ରଦର୍ଶନ କରୁଛି ।

## ପିଏମ-ମନ୍ କୀ ବାତ୍

**ପ୍ର**ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ ହେବ । ଜନସାଧାରଣ ଏହି କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ମତାମତ ଓ ପ୍ରସ୍ତାବ ଦେଇପାରିବେ । ଦେୟମୁକ୍ତ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ ଦିଆଯାଇପାରିବ । ଅନ୍‌ଲାଇନ୍ ଜରିଆରେ ନରେନ୍ଦ୍ର ମୋଦୀ ଆପ୍ ଓ ମାଇ ଗଭର୍ଣ୍ଣମେଣ୍ଟ ଓପନ ଫୋରମ୍ ଜରିଆରେ ମତାମତ ଦିଆଯାଇପାରିବ । ନାଗରିକମାନେ ୧୯୨୨ ନମ୍ବରକୁ ମିସ୍‌ଡ୍ କଲ କରି ପ୍ରାପ୍ତ ଲିଙ୍କ୍‌ରେ ମଧ୍ୟ ମତାମତ ପଠାଇପାରିବେ ।

# ଆଇଏମ୍‌ଡି ମନ୍‌ସୁନ୍

ଭାରତୀୟ ପାଣିପାଗ ବିଭାଗ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଆସନ୍ତା ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି । ନୂଆଦିଲ୍ଲୀରେ ଆଜି ଚଳିତବର୍ଷର ମୌସୁମୀ ଋତୁ ପାଇଁ ଗଣମାଧ୍ୟମକୁ ସୂଚନା ଦେଇ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ୍ କହିଛନ୍ତି ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଜନିତ ବର୍ଷା ପରିମାଣ ୯୦ ପ୍ରତିଶତ ରହିବ। ସେ କହିଛନ୍ତି, ସେହି ସମୟରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବର୍ଷା ପରିମାଣ ସ୍ୱାଭାବିକ ହେବାକୁ ଥିବା ବେଳେ  କେନ୍ଦ୍ରୀୟ ଦକ୍ଷିଣ ପେନିନ୍‌ସୁଲାର ଏବଂ ଉତ୍ତର-ପଶ୍ଚିମ ଭାଗରେ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷା ହେବ । ଡକ୍ଟର ରବିଚନ୍ଦ୍ରନ କହିଛନ୍ତି, ମୌସୁମୀ ଋତୁରେ ଏଲ୍ ନିନୋ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆସନ୍ତା ଜୁନ୍ ମାସରେ ଦେଶରେ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷା ହେବ । ସେହି ସମୟ ମଧ୍ୟରେ ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ ଏବଂ ଦକ୍ଷିଣ ପେନିନ୍‌ସୁଲାର ଅଞ୍ଚଳରେ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି । ଦେଶର ଅଧିକାଂଶ ଭାଗରେ ଜୁନ୍ ମାସରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଅବ୍ୟାହତ ରହିବ । ସେ କହିଛନ୍ତି, ଉତ୍ତରପ୍ରଦେଶ, ହରିଆଣା, ପଞ୍ଜାବ, ବିହାର, ଛତିଶଗଡ଼,

ଗୁଜରାଟ ଏବଂ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି ।

**V/O**

---

# ଆରବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆଜି ପ୍ରକାଶିତ ବାର୍ଷିକ ରିପୋର୍ଟରେ ବିଶ୍ୱରେ ଦେଖାଦେଇଥିବା ଅସ୍ଥିରତା ସତ୍ତ୍ୱେ ଦେଶରେ ଅଭିବୃଦ୍ଧିକୁ ସାମଗ୍ରିକ ଅର୍ଥନୈତିକ ମୌଳିକ ତତ୍ତ୍ୱ ସମର୍ଥନ କରୁଥିବା କୁହାଯାଇଛି । ୨୦୨୫-୨୬ ଆର୍ଥିକବର୍ଷରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ରହିଥିବା ବେଳେ ଅଭିବୃଦ୍ଧି ହାର ୭ ଦଶମିକ ୬ ପ୍ରତିଶତ ରହିଥିଲା । ୨୦୨୪-୨୫ ରେ ଏହି ହାର ୭ ଦଶମିକ ୧ ପ୍ରତିଶତ ଥିଲା । ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଦୃଢ଼ ଘରୋଇ ବ୍ୟବହାର, ନିରନ୍ତର ନିବେଶ ଏବଂ ସକ୍ରିୟ ନୀତି ଦ୍ୱାରା ଅଭିବୃଦ୍ଧି ପରିଚାଳିତ ହୋଇଥିଲା ।

---

# ହର୍ମୁଜ ଟ୍ରାଞ୍ଜିଟ୍

ପେଟ୍ରୋଲିୟମ୍ ପଦାର୍ଥ ବହନ କରି ଏକ ଭାରତୀୟ ଜାହାଜ ନିରାପଦରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିବା ସୂଚନା ମିଳିଛି । ସାମୁଦ୍ରିକ ଯାତାୟାତ ନିରୀକ୍ଷଣ କରୁଥିବା ଅନେକ ଗୁଡ଼ିଏ ୱେବ୍‌ସାଇଟ୍‌ରୁ ଏହି ତଥ୍ୟ ମିଳିଛି । ନିସୋଶ କେରୋସ ନାମକ ତୈଳ ଟ୍ୟାଙ୍କର ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ବିଶାଖାପଟନମ୍ ଅଭିମୁଖେ ଗତି କରୁଛି । ଆସନ୍ତା ଜୁନ୍ ୩ ତାରିଖ ସୁଦ୍ଧା ସେହି ଟ୍ୟାଙ୍କରଟି ଭାରତରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି । ଅନ୍ୟପକ୍ଷରେ ଅନ୍ୟ ଏକ ଭାରତୀୟ ତୈଳ ଟ୍ୟାଙ୍କର ଚଳିତମାସ ୨୧

ତାରିଖରେ ସାରଜାରୁ ବାହାରି ଭାରତୀୟ ପଶ୍ଚିମ ଉପକୂଳ ଆଡ଼କୁ ଗତି କରୁଥିବା ସୂଚନା ମିଳିଛି ।

## ଗୋୟଲ-ରାଉଣ୍ଡ ଟେବୁଲ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ରାଉଣ୍ଡ ଟେବୁଲ୍ ବୈଠକରେ ୫୦ରୁ ଅଧିକ ବ୍ୟବସାୟିକ ଏବଂ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା-ଭାରତ ରଣନୈତିକ ଭାଗିଦାରିତା ଫୋରମ୍ ସହଯୋଗରେ ନିଉୟର୍କରେ ଅବସ୍ଥାପିତ ଭାରତର କନସୁଲେଟ୍ ଜେନେରାଲ୍‌ଙ୍କ ଦ୍ୱାରା  ଏହି ରାଉଣ୍ଡ ଟେବୁଲ୍ ବୈଠକ ଆୟୋଜିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ରାଉଣ୍ଡ ଟେବୁଲ୍ ବୈଠକରେ ସେ ଭାରତର ଦୃଢ଼ ବିକାଶ ବିଷୟରେ ତଥ୍ୟ ଉପସ୍ଥାପନ କରିଛନ୍ତି । ବୈଠକରେ ଶ୍ରୀ ଗୋୟଲ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଚାଲିଥିବା ସଂସ୍କାର ପରିଚାଳିତ ଶିଳ୍ପ ପରିବେଶ ଏବଂ ଆନ୍ତର୍ଜାତିକ ନିବେଶ କ୍ଷେତ୍ରରେ ବୃଦ୍ଧି ପାଉଥିବା ସୁଯୋଗ ସଂପର୍କରେ ରାଉଣ୍ଡ ଟେବୁଲ୍ ବୈଠକରେ ଅନ୍ୟମାନଙ୍କୁ ଅବଗତ କରାଇଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ’ ରାଜସ୍ଥାନ ରୟାଲ୍‌ସକୁ ଭେଟିବ । ଏହି ମ୍ୟାଚ୍ ନିୟୁ ଚଣ୍ଡୀଗଡ଼ସ୍ଥିତ ମହାରାଜା ଯାଦବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ଆସନ୍ତା ରବିବାର ଦିନ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ

ହେବାକୁ ଥିବା ଆଇ.ପି.ଏଲ୍.ର ଚଳିତ ସଂସ୍କରଣର ଫାଇନାଲ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଆଜିକାର ମ୍ୟାଚ୍‌ର ବିଜେତା ଭେଟିବ ।

ପ୍ରଥମ କ୍ୱାଲିଫାୟର ମ୍ୟାଚ୍‌ରେ ଗତବର୍ଷର ଚାମ୍ପିୟନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ଗୁଜରାଟ ଟାଇଟନ୍ସ ପରାସ୍ତ ହୋଇଛି । ଅନ୍ୟପକ୍ଷରେ ପ୍ରଥମ ଏଲିମିନେଟର୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ’ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଆଜିର ମ୍ୟାଚ୍ ଖେଳୁଛି ।

---